## ଆଜି କ'ଣ କେଉଁଠି

**ବ୍ରହ୍ମପୁର**
- ବାସ୍କେଟବଲ ଟୁର୍ନାମେଣ୍ଟ, ସ୍ଥାନ–ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଷ୍ଟାଡିୟମ, ସମୟ–ଅପରାହ୍ନ ୨.୩୦
- କାଳୀପୂଜା ଆରମ୍ଭ, ସ୍ଥାନ–ବ୍ରହ୍ମାନଗର,ସମୟ–ସକାଳ ୮ଟା।

**ଛତ୍ରପୁର**
- ପ୍ଲାଷ୍ଟିକମୁକ୍ତ ବେଳାଭୂମି ସଚେତନତା, ସ୍ଥାନ–ନୋଳିଆ ନୂଆଗାଁ, ସମୟ – ଅପରାହ୍ନ ୩ଟା

**ଭଞ୍ଜନଗର**
- ଭଲିବଲ ଟୁର୍ନାମେଣ୍ଟ, ସ୍ଥାନ–କେଏସୟୁବି କଲେଜ, ସମୟ–ଅପରାହ୍ନ ୩ଟା

**ଆସିକା**
- ଶ୍ୟାମାକାଳୀ ପୂଜା ଲାଗି ଜଳଯାତ୍ରା, ସ୍ଥାନ–ନୂଆଗାଁ, ସମୟ–ପୂର୍ବାହ୍ନ ୧୦ଟା

**ବୁଗୁଡ଼ା**
- କାଳୀପୂଜା ଲାଗି କଳସ ଯାତ୍ରା, ସ୍ଥାନ–ଗୋଳିଆ, ସମୟ– ସକାଳ ୮ଟା

**ପୁରୁଷୋତ୍ତମପୁର**
- ପ୍ରାଥମିକ ଶିକ୍ଷକ ସଂଘ ବୈଠକ, ସ୍ଥାନ–ତାରାତାରିଣୀ ଛକ, ସମୟ–ଅପରାହ୍ନ ୧ଟା।

# ୨ ଦଶନ୍ଧିରେ ୮ ବିଜେଡି ବିଧାୟକଙ୍କ ହ୍ୟାଟ୍ରିକ୍

**ଗଞ୍ଜାମ ଜିଲା ରାଜନୀତି**
- ଦୁଇ ଦଶନ୍ଧିରେ ୮ ବିଜେଡି ବିଧାୟକଙ୍କ ହ୍ୟାଟ୍ରିକ୍

ବ୍ରହ୍ମପୁର ଅଫିସ,୨୨।୧୦

୨୦୦୦ରୁ ୨୦୧୯ ମସିହା ମଧ୍ୟରେ ୫ ବିଧାନସଭା ନିର୍ବାଚନ ହୋଇଛି। ଏହି ସମୟ ଭିତରେ ଗଞ୍ଜାମରୁ ୮ ବିଜେଡି ବିଧାୟକ ଲଗାତର ନିର୍ବାଚିତ ହୋଇ ହ୍ୟାଟ୍ରିକ୍ କରିଛନ୍ତି। ଦଳ ସୁପ୍ରିମୋ ନବୀନ ପଟ୍ଟନାୟକ ହିଞ୍ଜିଳି ଆସନରୁ ବିପୁଳ ଭୋଟରେ ୫ ଥର ଜିତି ୫ମ ପାଳି ମୁଖ୍ୟମନ୍ତ୍ରୀ ହୋଇ ରେକର୍ଡ ସୃଷ୍ଟି କରିଛନ୍ତି। କେବଳ ରାଜନୀତି ନୁହେଁ ବିଭିନ୍ନ କ୍ଷେତ୍ରରେ ନିଜର ଦକ୍ଷତା ପ୍ରମାଣିତ କରିଛନ୍ତି।

ବର୍ତ୍ତମାନର ବିଧାନସଭା ବାଚସ୍ପତି ବିକ୍ରମ କେଶରୀ ଆରୁଖ ଭଞ୍ଜନଗର ନିର୍ବାଚନମଣ୍ଡଳୀରୁ ୨୦୦୦ରୁ ୧୯ ନିର୍ବାଚନ ମଧ୍ୟରେ ୫ଥର ଜିତିଛନ୍ତି। ବିଜେଡି ଗଠନ ପୂର୍ବରୁ ସେ ୧୯୯୫ ନିର୍ବାଚନରେ ସେହି ଆସନରୁ ପ୍ରଥମେ ଜନତା ଦଳରୁ ନିର୍ବାଚିତ ହୋଇଥିଲେ। ଲଗାତର ୬ ଥର ବିଧାୟକ ଆରୁଖ ଶାସକ ଦଳ ମୁଖ୍ୟ ସଚେତକ ଏବଂ ୨୦୦୯ରୁ କ୍ରମାନ୍ୱୟରେ ୩ ଥର କ୍ୟାବିନେଟ ମନ୍ତ୍ରୀ ପଦ ପାଇ କେତେକ ଗୁରୁତ୍ୱପୂର୍ଣ୍ଣ ବିଭାଗ ସଫଳତାର ସହ ସମ୍ଭାଳିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ସେ ବାଚସ୍ପତି ହୋଇଛନ୍ତି।

ସେହିପରି ପୂର୍ବତନ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ୧୯୯୦ରୁ ୨୦୧୯ ଭିତରେ ହୋଇଥିବା ୭ ନିର୍ବାଚନରେ ପୂର୍ବ ମୋହନା ଓ ବର୍ତ୍ତମାନର ଦିଗପହଣ୍ଡି ନିର୍ବାଚନମଣ୍ଡଳୀରୁ ଲଗାତର ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି। ୯୦ ଓ ୯୫ ନିର୍ବାଚନରେ ସେ ଜନତା ଦଳରୁ ମୋହନା ଆସନରୁ ଜିତିଥିଲେ। ୨୦୦୦ ଓ ୨୦୦୪ ନିର୍ବାଚନରେ ସେହି ଆସନରୁ ବିଜେଡିରୁ ଏବଂ ୨୦୦୯, ୨୦୧୪ ଓ ୨୦୧୯ ନିର୍ବାଚନରେ ଦିଗପହଣ୍ଡି କ୍ଷେତ୍ରରୁ ବିଜେଡି ବିଧାୟକ ହୋଇଛନ୍ତି। ପାତ୍ର ଡବଲ ହ୍ୟାଟ୍ରିକ୍ କରିଛନ୍ତି। ଏବେ ନଗର ଉନ୍ନୟନ ମନ୍ତ୍ରୀ ଥିବା ଉଷା ଦେବୀ ୨୦୦୦ରୁ ୧୯ ମଧ୍ୟରେ ଚିକିଟି ବିଧାନସଭା କ୍ଷେତ୍ରରୁ ଲଗାତର ୫ ଥର ଜିତି ହ୍ୟାଟ୍ରିକ୍ କରିଛନ୍ତି। ସେ ୧୯୯୦ ନିର୍ବାଚନରେ ପ୍ରଥମେ ଜନତା ଦଳରୁ ନିର୍ବାଚିତ ହୋଇଥିଲେ। ୩ ଥର କ୍ୟାବିନେଟ ମନ୍ତ୍ରୀ ପଦ ପାଇଛନ୍ତି। ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀ ୨୦୦୯ରୁ ୧୯ ମଧ୍ୟରେ ଲଗାତର ବିଜେଡିରୁ ନିର୍ବାଚିତ ହୋଇ ହ୍ୟାଟ୍ରିକ୍ କରିଛନ୍ତି। ପାଣିଗ୍ରାହୀ ପ୍ରାୟ ଦୁଇ ବର୍ଷ ହେବ ବିଜେଡିରୁ ବହିଷ୍କୃତ ହୋଇଛନ୍ତି। ଅପରପକ୍ଷରେ ସୋରଡ଼ା ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ୨୦୦୯ରୁ ୧୯ ମଧ୍ୟରେ ୩ ଥର ବିଜେଡି ବିଧାୟକ ହୋଇ ହ୍ୟାଟ୍ରିକ୍ କରିଛନ୍ତି। ପୂର୍ବତନ ବ୍ରହ୍ମପୁର ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ୨୦୦୦ରୁ ୧୪ ନିର୍ବାଚନ ମଧ୍ୟରେ ଲଗାତର ଜିତି ହ୍ୟାଟ୍ରିକ କରିଥିଲେ। ୯୫ ନିର୍ବାଚନରେ ସେ ଜନତା ଦଳରୁ ନିର୍ବାଚିତ ହୋଇଥିଲେ।

ସୂଚନାଯୋଗ୍ୟ, ପୂର୍ବତନ ବିଧାୟିକା ସୁଞ୍ଜାନ କୁମାରୀ ଦେଓ ୨୦୦୦ରୁ ୨୦୧୪ ମଧ୍ୟରେ ବିଜେଡିରୁ ଲଗାତର ଖଲ୍ଲିକୋଟ ଓ କବିସୂର୍ଯ୍ୟନଗର ଆସନରୁ ନିର୍ବାଚିତ ହୋଇଥିଲେ। ସେ ଏହା ପୂର୍ବରୁ ଖଲ୍ଲିକୋଟରୁ ବିଭିନ୍ନ ଦଳରୁ ୫ ଥର ବିଧାୟିକା ହୋଇଥିଲେ।

## ରେଳଧାରଣାରୁ ଯୁବକଙ୍କ ମୃତଦେହ ଜବତ

ବ୍ରହ୍ମପୁର ଅଫିସ,୨୨।୧୦: ସରକାରୀ ରେଳବାଇ ପୋଲିସ(ଜିଆରପି) ରାମନଗର ରେଳଫାଟକ ନିକଟସ୍ଥ ରେଳଧାରଣାରୁ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ମୃତକଙ୍କ ପରିଚୟ ମିଳିପାରି ନ ଥିବା ବେଳେ ତାଙ୍କ ବୟସ ଆନୁମାନିକ ୩୫ରୁ ୪୦ ହେବ ବୋଲି ପୋଲିସ ଅନୁମାନ କରୁଛି। ଏ ନେଇ ନଂ.୮୮/୨୨ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ଏମ୍‌କେସିଜି ମେଡିକାଲ ପଠାଇଛି। ବ୍ୟବଚ୍ଛେଦ ପରେ ମୃତ ଯୁବକଙ୍କ ପରିଚୟ ସ୍ପଷ୍ଟ ପାଇଁ ମୃତଦେହ ସଂରକ୍ଷଣ ଗୃହରେ ରଖାଯାଇଛି। ଯୁବକ ଜଣଙ୍କ ଟ୍ରେନରୁ ଖସିପଡ଼ି ମୃତ୍ୟୁ ଘଟିଥିବା ନେଇ ପ୍ରାଥମିକ ତଦନ୍ତରୁ ପୋଲିସ ସନ୍ଦେହ କରୁଛି।

# ବିମାନ ବନ୍ଦର ପ୍ରତିଷ୍ଠା ଦାବିରେ ପଥପ୍ରାନ୍ତ ସଭା




ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ପଥପ୍ରାନ୍ତ ସଭା।

**ଜମି ଯୋଗାଇବାରେ ସରକାରଙ୍କ ଉଦାସୀନତା ଅଭିଯୋଗ**

ବ୍ରହ୍ମପୁର ଅଫିସ୍,୨୨।୧୦

ବ୍ରହ୍ମପୁରରେ ବିମାନ ବନ୍ଦର ପ୍ରତିଷ୍ଠା ଦାବିରେ ଓଡ଼ିଶା ଡେଭଲପମେଣ୍ଟ ଫୋରମ୍ ଓ ଅନ୍ୟ ସାମାଜିକ ସଂଗଠନର ମିଳିତ ଆନୁକୂଲ୍ୟରେ ଶନିବାର ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଏକ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଯାଇଛି। ଫୋରମ୍ ପକ୍ଷରୁ କୁହାଯାଇଛି, କେନ୍ଦ୍ର ସରକାରଙ୍କ ସହମତି ଥିବା ସତ୍ତ୍ୱେ ରାଜ୍ୟ ସରକାର ବ୍ରହ୍ମପୁରରେ ବିମାନ ବନ୍ଦର ପ୍ରତିଷ୍ଠା ପାଇଁ ଜମି ଯୋଗାଇ ଦେବାକୁ ଉଦାସୀନତା ଦେଖାଉଛନ୍ତି। ଜୟପୁରଠାରେ ବିମାନବନ୍ଦର ପ୍ରତିଷ୍ଠା ହେଲା। କିନ୍ତୁ ଦକ୍ଷିଣ ଓଡ଼ିଶାର ପ୍ରାଣକେନ୍ଦ୍ର ବ୍ରହ୍ମପୁର ପ୍ରତି ସରକାର ବୈମାତୃକ ମନୋଭାବ ଦେଖାଉଥିବା ଅଭିଯୋଗ ହୋଇଛି। ଫୋରମ୍ ପକ୍ଷରୁ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟଠାରୁ ଅନ୍ନପୂର୍ଣ୍ଣା ଛକ ପର୍ଯ୍ୟନ୍ତ ପଦଯାତ୍ରା କରାଯାଇଥିଲା। ବିମାନ ବନ୍ଦର ପ୍ରତିଷ୍ଠା ହେଲେ ଜିଲାରେ ଶିଳ୍ପାୟନ, ଉତ୍ତମ ସ୍ୱାସ୍ଥ୍ୟ ସେବା, ପର୍ଯ୍ୟଟନ କ୍ଷେତ୍ରରେ ଅଭିବୃଦ୍ଧି, ଶିକ୍ଷା କ୍ଷେତ୍ରରେ ଅଭିବୃଦ୍ଧି, ଯୁବତୀ ଯୁବକଙ୍କୁ ରୋଜଗାର ଭଳି ବିଭିନ୍ନ କ୍ଷେତ୍ରରେ ବିକାଶ ହୋଇପାରିବ ବୋଲି ଫୋରମ୍ ପକ୍ଷରୁ କୁହାଯାଇଛି। ଏଥିରେ ଫୋରମ୍‌ର ଉପସଭାନେତ୍ରୀ ବବିତା ପାତ୍ର, ସମ୍ପାଦକ ଭି. ସୋମେଶ୍ୱର ରାଓ, ପ୍ରୀତିଶ ପାଣିଗ୍ରାହୀ, ଆବାହକ ସନ୍ତୋଷ କୁମାର ସାହୁ, କାର୍ଯ୍ୟକାରିଣୀ ସଦସ୍ୟ ବାଳକୃଷ୍ଣ ସାମନ୍ତରାୟ, ପ୍ରକାଶ ଭଜନୀ, ରମେଶଚନ୍ଦ୍ର ସାହୁଙ୍କ ସମେତ ବହୁ ସାମାଜିକ କର୍ମୀ ଉପସ୍ଥିତ ଥିଲେ।

## ପ୍ରମାଣ ଅଭାବରୁ ଅଭିଯୁକ୍ତ ନିର୍ଦ୍ଦୋଷ

### ବଳାତ୍କାର ମାମଲା

ବ୍ରହ୍ମପୁର ଅଫିସ,୨୨।୧୦

ବ୍ରହ୍ମପୁର ଫାଷ୍ଟଟ୍ରାକ ପୋକ୍‌ସୋ ଜଜ୍ ଗଣେଶ୍ୱର ପତି ଶନିବାର ଏକ ବଳାତ୍କାର ମାମଲାର ଶୁଣାଣି କରିଥିଲେ। ପ୍ରମାଣ ଅଭାବରୁ ସେ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ଅଭିଯୁକ୍ତ ଜଣଙ୍କ ଖଲ୍ଲିକୋଟ ଥାନା ଅଞ୍ଚଳର ରଜତ କୁମାର ବାରିକ। ୨୦୧୭ ଡିସେମ୍ବର ୨୧ ରାତିରେ ଖଲ୍ଲିକୋଟ ଅଞ୍ଚଳର ଜନୈକା ନାବାଳିକା ତାଙ୍କ ଘର ପଛ ପଟକୁ ପରିସ୍ରା ପାଇଁ ଯାଇଥିଲେ। ଜଣେ ଯୁବକ ନାବାଳିକାଙ୍କୁ ସେଠାରେ ବଳାତ୍କାର କରିଥିଲେ। ନାବାଳିକା ଜଣଙ୍କ ଚିତ୍କାର କରିଥିଲେ। ଝିଅର ପାଟି ଶୁଣି ମା' ସେଠାରେ ପହଞ୍ଚିଥିଲେ। ମହିଳାଙ୍କୁ ଦେଖି ଯୁବକ ଜଣଙ୍କ ଫେରାର ହୋଇଯାଇଥିଲେ। ପରେ ଏନେଇ ପୀଡ଼ିତାଙ୍କ ମା' ଖଲ୍ଲିକୋଟ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୩୦୪/୧୭ରେ ଏକ ମାମଲା ରୁଜୁ କରିଥିଲା। ଘଟଣାର ଅନୁସନ୍ଧାନ କରି ପୋଲିସ ରଜତ କୁମାର ବାରିକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। କିଛିମାସ ପରେ ଅଭିଯୁକ୍ତ ହାଇକୋର୍ଟରୁ ସର୍ତ୍ତମୂଳକ ଜାମିନ ପାଇଥିଲେ। ଶନିବାର ଏହି ମାମଲାର ବିଚାର ବେଳେ ଅଭିଯୁକ୍ତ ରଜତଙ୍କୁ କୋର୍ଟରେ ହାଜର କରାଯାଇଥିଲା। ୯ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ଉପଯୁକ୍ତ ପ୍ରମାଣ ନ ମିଳିବାରୁ ଜଜ୍ ରଜତଙ୍କୁ ନିର୍ଦ୍ଦୋଷ ବୋଲି ରାୟ ଦେଇଛନ୍ତି। ମୁଦାଲାଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ବୀରେନ କୁମାର ପଟ୍ଟନାୟକ ଓ ତାଙ୍କ ସହଯୋଗୀ ଅନୋଜ କୁମାର ପଟ୍ଟନାୟକ ମକଦ୍ଦମା ପରିଚାଳନା କରିଥିଲେ।

## ୮୦୦୦ ଲିଟର ପୋଚ ନଷ୍ଟ, ୧୯୭ ଲିଟର ଆଇଡି ଜବତ

### ଅବକାରୀ ଚଢ଼ାଉ, ଦୁଇ ଗିରଫ

ଦିଗପହଣ୍ଡି,୨୨।୧୦(ଡି.ଏନ.ଏ.): ଦୀର୍ଘ ଦିନ ହେଲା ଗଞ୍ଜାମ-ଗଜପତି ସୀମାନ୍ତରେ ଚୋରା ଦେଶୀମଦ ପ୍ରସ୍ତୁତ କାରବାର ଚାଲିଥିବା ସମ୍ପର୍କରେ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ନିକଟରେ ଗୋଇନ୍ଦା ସୂଚନା ପହଞ୍ଚିଥିଲା। ଜିଲା ଆରକ୍ଷୀ ଅଧୀକ୍ଷକ ରମେନ୍ଦ୍ର ନାରାୟଣ ନାହାକଙ୍କ ନିର୍ଦ୍ଦେଶକ୍ରମେ ଜିଲା ଉପ-ଅଧୀକ୍ଷକ ବିଜୟ କୁମାର ଧାରୁଆଙ୍କ ତତ୍ତ୍ୱାବଧାନରେ ଅବକାରୀ କର୍ମଚାରୀମାନେ ଶନିବାର ସକାଳ ୬ଟାରେ ଅତର୍କିତ ଚଢାଉ କରି ଗୁଡ଼ମହୁଲ ମିଶ୍ରିତ ୮୦୦୦ ଲିଟର ପୋଚକୁ ନଷ୍ଟ କରିବା ସହ ୧୪୦ ଲିଟର ଆଇଡି ଜବତ କରିଛନ୍ତି। ଚଢାଉ ସମୟରେ ଅଭିଯୁକ୍ତମାନେ ଆଗୁଆ ସୂଚନା ପାଇ ଘଟଣା ସ୍ଥଳରୁ ଚମ୍ପଟ ମାରିଥିଲେ। ଫଳରେ କାହାରିକୁ ଗିରଫ କରାଯାଇ ନ ଥିବା ଜଣାପଡିଛି। ପରେ ତଡାସାଜି ଜଙ୍ଗଲ ନିକଟରେ ଥିବା କାରାଖଣ୍ଡି ଗ୍ରାମର ବିଭିନ୍ନ ସ୍ଥାନରେ ଚଢାଉ କରି ଦୁଇ ଜଣ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ୫୭ ଲିଟର ଚୋରା ଦେଶୀମଦ ଜବତ କରିଥିବା ଜଣାପଡିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ କେ.ନୂଆଗାଁ ଥାନା ଅନ୍ତର୍ଗତ କାରାଖଣ୍ଡି ଗ୍ରାମର ସାହେବ ମଲିକ ଓ କବିରାଜ ମଲିକ ବୋଲି ଅବକାରୀ ଇନ୍ସପେକ୍ଟର ମିହିର କୁମାର ସେଠୀ କହିଛନ୍ତି।

# ୬ମାସ ପରେ ବି ଅଭିଯୁକ୍ତଙ୍କୁ ଧରିପାରୁନି ପୋଲିସ

**ସୁନାଗହଣା ଲୁଟ ଘଟଣା**

ବ୍ରହ୍ମପୁର ଅଫିସ,୨୨।୧୦

ଏପ୍ରିଲ ୩ରେ ବ୍ରହ୍ମପୁର ସହରରେ ନକଲି ପୋଲିସର ପ୍ରାଦୁର୍ଭାବ ଦେଖିବାକୁ ମିଳିଥିଲା। ଏଭଳି ଏକ ଘଟଣା ବୈଦ୍ୟନାଥପୁର ଥାନା ସେଲ୍ଟେକ୍ସ ଛକରେ ଘଟିଥିଲା। ରାସ୍ତାରେ ଚାଲି ଚାଲି ଯାଉଥିବା ଜନୈକା ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ସୁଭଦ୍ରା ମିଶ୍ରଙ୍କୁ ଲୁଟେରା ଗ୍ୟାଙ୍ଗ ନିଜକୁ ପୋଲିସ ପରିଚୟ ଦେଇ ସୁନା ଗହଣା ଠକି ନେଇଥିଲେ। ଘଟଣାର ୬ ମାସ ବିତିଯାଇଥିଲେ ମଧ୍ୟ ଅସଲି ପୋଲିସ ଏଯାବତ କାହାକୁ ଧରିପାରିନାହିଁ। ଯାହାକି ପୋଲିସ ପାଇଁ ଚିନ୍ତାର କାରଣ ହୋଇଛି।

୨୦୧୮ ମାର୍ଚ୍ଚରୁ ୨୦୧୯ ସେପ୍ଟେମ୍ବର ଭିତରେ ନକଲି ପୋଲିସ ଗ୍ୟାଙ୍ଗ ବ୍ରହ୍ମପୁର ସହରର ପ୍ରାୟ ୧୦ ଜଣ ବ୍ୟକ୍ତିଙ୍କଠାରୁ ସୁନା ଅଳଙ୍କାର ଅଭିନବ ଉପାୟରେ ଠକି ନେଇଥିଲେ। ଗ୍ୟାଙ୍ଗର ସଦସ୍ୟମାନେ ରାସ୍ତାରେ ଯାଉଥିବା ଲୋକଙ୍କୁ ଟାର୍ଗେଟ କରୁଥିଲେ। ୨୦୧୯ ଅକ୍ଟୋବର ୨ରେ ନକଲି ପୋଲିସ ଗ୍ୟାଙ୍ଗର ମାଷ୍ଟରମାଇଣ୍ଡ ସିକନ୍ଦର ଅଲ୍ଲୀଙ୍କୁ ଗୋଷାଣୀନୂଆଗାଁ ଥାନା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହା ପରେ ସହରରେ ଆଉ ନକଲି ପୋଲିସକୁ ଦେଖିବାକୁ ମିଳି ନ ଥିଲା। କିଛିବର୍ଷର ନୀରବତା ପରେ ଏପ୍ରିଲ ୩ରେ ପୁଣିଥରେ ସହରରେ ନକଲି ପୋଲିସ ଉଭା ହୋଇଥିଲେ। ଅଯୋଧ୍ୟାନଗରରେ ରହୁଥିବା ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ସୁଭଦ୍ରା ମିଶ୍ର ସେଲଟ୍ୟାକ୍ସ ଛକକୁ ଆସିଥିବା ବେଳେ ଦୁଇ ଜଣ ଯୁବକ ନିଜକୁ ପୋଲିସ ପରିଚୟ ଦେଇ ଅଟକାଇଥିଲେ। ଆଗରେ ଜଣେ ବ୍ୟକ୍ତିଙ୍କ ହତ୍ୟା ହୋଇଛି ତେଣୁ ସେ ପିନ୍ଧିଥିବା ସୁନା ଅଳଙ୍କାର ଖୋଲି ବ୍ୟାଗ ଭିତରେ ରଖିଦିଅନ୍ତୁ ବୋଲି ଏହି ନକଲି ପୋଲିସ କହିଥିଲେ। କୌଶଳକ୍ରମେ ସେହି ସୁନା ଅଳଙ୍କାରକୁ ଅଭିନବ ଉପାୟରେ ଠକି ସେମାନେ ଚମ୍ପଟ ମାରିଥିଲେ। ସୁଭଦ୍ରାଙ୍କ ଅଭିଯୋଗକ୍ରମେ ବୈଦ୍ୟନାଥପୁର ପୋଲିସ ୧୦୧/୨୨ ରେ ଏକ ମାମଲା ରୁଜୁ କରିଥିଲା। ପରେ ସେହି ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜକୁ ଆଧାର କରି ତଦନ୍ତ କରିଥିଲା। ହେଲେ ଏଯାବତ ସେହି ନକଲି ପୋଲିସର ଟେର ପାଇପାରିନି ଅସଲି ପୋଲିସ।

## ଡେଙ୍ଗୁ ରୋଗୀ ଚିହ୍ନଟ

ବ୍ରହ୍ମପୁର ଅଫିସ,୨୨।୧୦

ଗଞ୍ଜାମ ଜିଲାରେ ଦିନକୁ ଦିନ ଡେଙ୍ଗୁ ତା'ର କାୟା ବିସ୍ତାର କରିବାରେ ଲାଗିଛି। ପୁଣିଥରେ ଦୁଇ ଜଣଙ୍କ ରକ୍ତ ନମୁନା ପଜିଟିଭ ଆସିଛି। ଉଭୟ ଡେଙ୍ଗୁ ଆକ୍ରାନ୍ତ ପାତ୍ରପୁର ବ୍ଲକର ବୋଲି ଜିଲା ସ୍ୱାସ୍ଥ୍ୟ ବିଭାଗ ସୂତ୍ରରୁ ପ୍ରକାଶ। ପାତ୍ରପୁର ବ୍ଲକ ପାତ୍ରପୁରର ଜଣେ ୧୩ ବର୍ଷର ନାବାଳକ ଓ ଅନ୍ୟଜଣେ ୩୦ ବର୍ଷୀୟା ମହିଳାଙ୍କ ଡେଙ୍ଗୁ ପରୀକ୍ଷା ପରେ ପଜିଟିଭ ଆସିଛି। ଏନେଇ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି। ଜିଲାରେ ଏଯାବତ ମୋଟ ୧୩୫ ଡେଙ୍ଗୁ ପଜିଟିଭ ଚିହ୍ନଟ ହୋଇ ସାରିଲେଣି।

## ସେଲ୍‌ଫି କର୍ନର ଧରିତ୍ରୀ

### ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

bmpselfie@gmail.com



@ ମାମିନା



@ ରାଜୀବ



@କାବେରୀ



@ ଚପଳା



@ ସ୍ନେହାଶ୍ରୀ



@ ଗୋପାଳ



@ ବିକାଶ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ମୋହନାରେ ଡେଙ୍ଗୁ ସଚେତନତା କର୍ମଶାଳା

ଆର.ଉଦୟଗିରି,୨୨।୧୦(ଡି.ଏନ୍.ଏ.): ମୋହନାରେ ଡେଙ୍ଗୁ ସଚେତନତା ଓ ନିର୍ମାଣ ଶ୍ରମିକଙ୍କ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଭାରତ ସରକାରଙ୍କ ଶ୍ରମ ଓ ନିୟୋଜନ ବିଭାଗ ଦ୍ୱାରା ନିର୍ମାଣ ଶ୍ରମିକ ସଂଘ ଆନୁକୂଲ୍ୟରେ ଏବଂ ସ୍ଥାନୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପିସ୍‌ର ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ସ୍ଥାନୀୟ ବିଜୁ କଲ୍ୟାଣ ମଣ୍ଡପଠାରୁ ଏକ ଶୋଭାଯାତ୍ରାରେ ବାହାରି ବଜାର ପରିକ୍ରମା କରିଥିଲେ। ଏହି ଅବସରରେ ଡେଙ୍ଗୁ ସଚେତନତା ପାଇଁ ବାର୍ତ୍ତା ଦେବା ସହ ପ୍ରଚାରପତ୍ର ବଣ୍ଟନ କରିଥିଲେ। ଏହାପରେ ଶିବ ମନ୍ଦିରରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏହି କର୍ମଶାଳାରେ ଶ୍ରମ ଓ ନିୟୋଜନ ବିଭାଗ ଆଞ୍ଚଳିକ ନିର୍ଦ୍ଦେଶକ ଶରତ କୁମାର ବେହେରା, ମୋହନା ବିଡିଓ ତପସ୍ୱିନୀ ହାଁସଦା, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ. ନମିତା ପଣ୍ଡା, ପିସ୍ ଅନୁଷ୍ଠାନର ସଭାପତି ଭିକାରୀ ଚରଣ ବେହେରା ପ୍ରମୁଖ ଯୋଗଦେଇ ଡେଙ୍ଗୁର ଭୟାବହତା ଓ ନିରାକରଣ ଉପରେ ସଚେତନ କରିଥିଲେ। ଇ-ଶ୍ରମ କାର୍ଡ ମାଧ୍ୟମରେ ଥିବା ସୁବିଧା ସୁଯୋଗ ସମ୍ପର୍କରେ କହିଥିଲେ ଆଞ୍ଚଳିକ ନିର୍ଦ୍ଦେଶକ। ଯେଉଁମାନେ ଇ-ଶ୍ରମ କାର୍ଡ କରିନାହାନ୍ତି, ସେମାନେ ତୁରନ୍ତ କରିବାକୁ ସେ ପରାମର୍ଶ ଦେଇଛନ୍ତି।

## ପିଏଚ.ଡି ଆଡ୍‌ମିଶନ ଲାଗି ଆବେଦନ ଆରମ୍ଭ

**ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ**

ବ୍ରହ୍ମପୁର ଅଫିସ,୨୨।୧୦

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ଚଳିତ ବର୍ଷ ପିଏଚ୍.ଡି ପାଠ୍ୟକ୍ରମରେ ଆଡ୍‌ମିଶନ ନିମନ୍ତେ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି।

ଏନେଇ ବିଶ୍ୱବିଦ୍ୟାଳୟ ପକ୍ଷରୁ ଚିଠି ନମ୍ବର ୪୬୮୬ରେ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜ୍ଞପ୍ତି ଅନୁସାରେ ଆବେଦନ ମୂଲ୍ୟ ୧୦୦୦ଟଙ୍କା ଧାର୍ଯ୍ୟ କରାଯାଇଛି। ଏହାସହ ଆଶାୟୀ ଛାତ୍ରୀଛାତ୍ର ଜାତୀୟସ୍ତରୀୟ ଯୋଗ୍ୟତା ପରୀକ୍ଷା–ୟୁଜିସି, ସିଏସ୍‌ଆଇଆର, ଜିଏଟିଇ, ଜେସିଏସ୍‌ଟି, ଆଇସିଏଆର, ଆଇସିଏମ୍‌ଆର, ଡିବିଟି, ସିଏଟି, ଜିପିଏଟି ତଥା ତତସମନ୍ଧିତ କୌଣସି ପରୀକ୍ଷାରେ ଯୋଗ୍ୟ ବିବେଚିତ ହୋଇଥିବା ଆବଶ୍ୟକ। ଆବେଦନ ନିମନ୍ତେ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆସନ୍ତା ୩୧ ଶେଷ ତାରିଖ ଧାର୍ଯ୍ୟ କରାଯାଇଛି।

## ଗଞ୍ଜାମକୁ ଆସିବା ନେଇ ସ୍ପଷ୍ଟ ସୂଚନା ମିଳୁନି

**ନିମ୍ନମାନର ସାଲାଇନକୁ ନେଇ ଚିନ୍ତା**

ବ୍ରହ୍ମପୁର ଅଫିସ,୨୨।୧୦

କଟକ ବଡ଼ ମେଡିକାଲରେ ରୋଗୀଙ୍କୁ ନିମ୍ନମାନର ସାଲାଇନ୍ ଦିଆଯିବା ଘଟଣା ପ୍ରଘଟ ହେବା ପରେ ରୋଗୀମାନେ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ସରକାରୀ ଡାକ୍ତରଖାନାରୁ ନିମ୍ନମାନର ସାଲାଇନ୍ ଯୋଗାଣ ଘଟଣା ପର୍ଦ୍ଦାଫାଶ ହୋଇଛି। ନିମ୍ନମାନର ସାଲାଇନ୍ ବ୍ରହ୍ମପୁର ବଡ଼ ଡାକ୍ତରଖାନା ଓ ଗଞ୍ଜାମ ଜିଲାକୁ ଆସିଛି ନା ନାହିଁ, ତାହା ବର୍ତ୍ତମାନ ସୁଦ୍ଧା ସ୍ପଷ୍ଟ ହୋଇପାରୁ ନାହିଁ। ସାଲାଇନ୍ ନମୁନା ସଂଗ୍ରହ ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ତରଫରୁ କୌଣସି ପ୍ରକାର ନିର୍ଦ୍ଦେଶ ଆସି ନ ଥିବା ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଉମା ଶଙ୍କର ମିଶ୍ର କହିଛନ୍ତି।

# ଏଆଇଡିଏସ୍‌ଓର ୩ୟ ଜିଲା ଛାତ୍ର ସମ୍ମିଳନୀ

ବ୍ରହ୍ମପୁର ଅଫିସ,୨୨।୧୦

ଅଲ୍ ଇଣ୍ଡିଆ ଡିଏସ୍‌ଓ (ଏଆଇଡିଏସଓ) ପକ୍ଷରୁ ଶନିବାର ଗଞ୍ଜାମ କଳା ପରିଷଦଠାରେ ୩ୟ ଜିଲାସ୍ତରୀୟ ଛାତ୍ର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ଜାତୀୟ ଶିକ୍ଷାନୀତି–୨୦୨୦ ପ୍ରତ୍ୟାହାର, ଜିଲାରେ ବନ୍ଦ ପଡିଥିବା ସମସ୍ତ ବିଦ୍ୟାଳୟ ଖୋଲିବା, ଖାଲି ପଡିଥିବା ସମସ୍ତ ଶିକ୍ଷକ, ଅଧ୍ୟାପକ, ଶିକ୍ଷା କର୍ମଚାରୀ ସ୍ଥାୟୀ ଭିତ୍ତିରେ ପୂରଣ, ଶିକ୍ଷା କ୍ଷେତ୍ରରେ ଫି ବୃଦ୍ଧି, ଘରୋଇକରଣ ଓ ବ୍ୟବସାୟୀକରଣ ବନ୍ଦ, ଇତିହାସ ଓ ବିଜ୍ଞାନର ବିକୃତୀକରଣ ଏବଂ ଶିକ୍ଷାର ସାମ୍ପ୍ରଦାୟୀକରଣ ବନ୍ଦ ଭଳି ବିଭିନ୍ନ ଦାବି ସମୂହ ଉପସ୍ଥାପନ ହୋଇଥିଲା। ଶିବାନୀ ଶଙ୍କର ମିଶ୍ରଙ୍କ ନେତୃତ୍ୱରେ ଉଦ୍ଧବ ମହାକୁଡ, ସୋମ୍ୟ ରଞ୍ଜନ ଗୌଡ଼, ବିଭୂତି ଭୂଷଣ ସାହୁଙ୍କୁ ନେଇ ସଭାପତି ମଣ୍ଡଳୀ ଗଠନ କରାଯାଇଥିଲା। ସଭାପତି ମଣ୍ଡଳୀ ଦ୍ୱାରା ସଭା ପରିଚାଳନା ହୋଇଥିଲା। ସଭାରେ ନାରାୟଣ ସାହୁ ମୁଖ୍ୟ ଚିଠା



ସମ୍ମିଳନୀରେ ଉପସ୍ଥିତ ଛାତ୍ରୀଛାତ୍ର ଓ ଅନ୍ୟମାନେ।

ପ୍ରସ୍ତାବକୁ ଆଗତ କରିଥିଲେ। ଉକ୍ତ ଚିଠା ପ୍ରସ୍ତାବକୁ ସମର୍ଥନ କରି ୧୧ ଜଣ ଛାତ୍ରୀଛାତ୍ର ନିଜର ମତ ରଖିଥିଲେ। ଏହି ଅବସରରେ ଜିଲାରେ ଶିକ୍ଷା ସମସ୍ୟା ବିରୋଧରେ ଛାତ୍ର ଆନ୍ଦୋଳନକୁ ନେତୃତ୍ୱ ପାଇଁ ଏଆଇଡିଏସ୍‌ଓର ୪୧ ଜଣିଆ ନୂତନ କମିଟି ଗଠନ କରାଯାଇଥିଲା। ଏଥିରେ ସଭାପତି ନିମାଇଁ ଚରଣ ସାହୁ, ଉପସଭାପତି ପପୁନ ସାହୁ, ସମ୍ପାଦକ ନାରାୟଣ ସାହୁ, କାର୍ଯ୍ୟାଳୟ ସମ୍ପାଦକ ଓ କୋଷାଧ୍ୟକ୍ଷ କିଷାନ ସାହୁ ପ୍ରମୁଖ ମନୋନୀତ ହୋଇଛନ୍ତି।

